# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ,ନାଗପୁର
## କପାଚାଷ ପାଇଁ IX(ନବମ ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବସପ୍ତାହରେବାସ୍ତବିକବର୍ଷା(ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା(ମିମି) | | | | |
|---|---|---|---|---|---|---|---|---|---|---|---|
| | | ଜୁଲାଇ/ଅଗଷ୍ଟ | | | | | ଅଗଷ୍ଟ | | | | |
| | | 30 | 31 | 01 | 02 | 03 | 05 | 06 | 07 | 08 | 09 |
|  | କୋରାପୁଟ | 0 | 0 | 0 | 0 | 0 | 12 | 17 | 23 | 16.9 | 14.6 |
| | କଳାହାଣ୍ଡି | 29 | 0 | 0 | 0 | 8 | 9.4 | 12 | 21 | 16.2 | 12.8 |
| | ବଲାଙ୍ଗିର | 0 | 0 | 0 | 0 | | 11 | 17 | 19 | 14.4 | 13 |
| ବର୍ଷା ପରିମାଣ ଓ ରଙ୍ଗସଂକେତ | | ୦.୧ରୁ ୨.୪ ମିମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷାପ୍ରକାର | | ଅତିଅଳ୍ପବର୍ଷା | | ଅଳ୍ପବର୍ଷା | | ସାଧାରଣବର୍ଷା | | ପ୍ରବଳବର୍ଷା | | ଅତିପ୍ରବଳବର୍ଷା | |

**କପା ଫସଲର ଅବସ୍ଥା:**

ଓଡ଼ିଶାରେ କପା ଫସଲ ୨୯ ରୁ ୩୩ ଦିନ ଅବସ୍ଥାରେ କଢ ଧରିବା ଅବସ୍ଥାରେ ଅଛି।କୋଡା ଖୋସା କରିବା, ଦ୍ୱିତୀୟ ଦଫା ସାର ପ୍ରୟୋଗ କରିବା ଓ ଘାସମରା ଔଷଧ ପ୍ରୟୋଗ, ହୁଡା ଦେବା, ସବୁଜ ଖତ ପାଇଁ ଚାଷ କରା ଯାଇଥିବା ଛଣି ଫସଲକୁ ମାଟିରେ ମିଶାଇବା ଆଦି କାମ ଚାଲିଛି ।ପ୍ରାୟ ସମସ୍ତ ପ୍ରକାର ଘାସ ଯଥା ବଡ ପତ୍ର, ସରୁ ପତ୍ର ଓ ମୁଥା ଜାତୀୟ ଘାସ ଉଠିଛି କିନ୍ତୁ ଘାସମରା ଔଷଧ ପ୍ରୟୋଗ କରାଯାଇଥିବାରୁ ନିୟନ୍ତ୍ରଣରେ ଅଛି। କେତକ ସ୍ଥାନରେ ଜଉ ପୋକ ଓ ଲଗାଣ ବର୍ଷା ହେବା ଫଳରେ ଝଉଂଳା ରୋଗ ଲାଗିବାର ସୂଚନା ରହିଛି ।

**ମୃତ୍ତିକାର ସ୍ୱାସ୍ଥ, ରୋଗ ପୋକ, ଓ ଖାଦ୍ୟସାର ପରିଚାଳନା ଉପରେ ସାଧାରଣ ପରାମର୍ଶ**

କପା ଫସଲରୁ ଅଧିକ ଅମଳ ପାଇବା ପାଇଁ ସମତୁଲ ଖାଦ୍ୟସାର ଓ ସମନ୍ୱିତ ରୋଗ ପୋକ ପରିଚାଳନା କରିବା ନିହାତି ଦରକାର। ଏହା ଦ୍ୱାରା କପା ଗଛର ଭଲ ବୃଦ୍ଧି ହେବା ସହିତ ଖରଚ କମ ହୋଇଥାଏ ଏବଂ ରୋଗ ଓ ପୋକ ଦାଉରୁ ଫସଲକୁ ରକ୍ଷା କରାଯାଇଥାଏ।

**ମୃତ୍ତିକାର ସ୍ୱାସ୍ଥ ଓ ଖାଦ୍ୟସାର ପରିଚାଳନା**

**ମୁଖ୍ୟ ଖାଦ୍ୟସାରର ସଠିକ ପରିଚାଳନା:**

କିଛି ବର୍ଷ ଅନ୍ତରରେ ଫସଲ ପରିବର୍ତନ କରିବ, ମାଟି ପରୀକ୍ଷା କରି ସଠିକ ପରିମାଣରେ ରାସାୟନିକ ସାରପ୍ରୟୋଗ କରିବା ଓ ଅଧିକ ପରିମାଣରେ ଜୈବିକପଦାର୍ଥ ବ୍ୟବହାର କରିବା

**ଅନୁସାରର ବ୍ୟବହାର**

ଜିଙ୍କ, ବୋରନ, ମ୍ୟାଗନେଶିୟମ ଓ ମାଙ୍ଗାନିଜ ଭଳି ଅନୁସରର ଅଭାବ ଦୂର କରିବା ପାଇଁ ସଠିକ ସମୟରେ ଓ ସଠିକ ମାତ୍ରାରେ ପାତ୍ର ସିଂଚନ କରିବା ଉଚିତ।

**ସମନ୍ୱିତ ରୋଗ ପରିଚାଳନା**

**ପ୍ରତିଷେଧକ ବ୍ୟବସ୍ଥା ଆପଣେଇବା:**

ଉଭୟଚେରଓପତ୍ରକୁଆକ୍ରମଣକରୁଥିବାଜୀବାଣୁମାନଙ୍କୁନିୟନ୍ତ୍ରଣକରିବାପାଇଁଜମିକୁଭଲଭାବରେପ୍ରସ୍ତୁତକରିବାଓସଫାରଖିବା, ଅଧିକପରିମାଣରେଜୈବିକକୀଟଓଫିମପିନାଶକଏବଂଯିବାନୁସାରପ୍ରୟୋଗକରିବାଦରକାର।

**ଗଛରେ ଲାଗୁଥିବା ରୋଗ ନିୟନ୍ତ୍ରଣ:**

ବାୟୁମଣ୍ଡଳରେଅଧିକଆଦ୍ରତାଥିବାସମୟରେଅଧିକରୋଗସଂକ୍ରମଣହେବାରଆଶଙ୍କାଥିବାରୁପ୍ରତିଦିନକ୍ଷେତ୍ରପରିଦର୍ଶନକରିବାଉଚିତ।କୌଣସିରୋଗଅତିମାତ୍ରାରେଫସଲକୁକ୍ଷତିକରିବାରଆଶଙ୍କାଥିଲେସଠିକଔଷଧକୁସଠିକମାତ୍ରାରେପ୍ରୟୋଗକରିବାଉଚିତ।

**ସମନ୍ୱିତ ପୋକ ପରିଚାଳନା**

**ନିୟମିତ କ୍ଷେତ୍ରପରିଦର୍ଶନ କରିବା:**

ଫସଲରବୃଦ୍ଧିସମୟରେନିୟମିତକ୍ଷେତ୍ରପରିଦର୍ଶନକରିବାଦ୍ୱାରାଏହିରେଲାଗୁଥିବାଲକଡପୋକ, ପତ୍ରାଦିଅଁପୋପୋକ, ପତ୍ରଉକୁଣି, ଧଳାମାଛିଭଳିଶୋଷକପୋକଓବକରିବିନ୍ଧାପୋକରଆକ୍ରମଣବିଷୟରେଜାଣିପାରିବସହିତଉଚିତନିୟନ୍ତ୍ରଣବ୍ୟବସ୍ଥାକରିହେବ

**ସଙ୍ଗଆକର୍ଷକ ଜନ୍ତା ଓ ଜୈବକୀଟନାଶକର ବ୍ୟବହାର:**

ଫସଲରପ୍ରାଥମିକଅବସ୍ଥାରେସଙ୍ଗଆକର୍ଷଜନ୍ତାବସାଇବାଦ୍ୱାରାପୋକମାନଙ୍କରଗତିବିଧିଓଅଣ୍ଡାଦେବାବିଷୟରେସୂଚନାମିଳିପାରିବ।ପୋକନିୟନ୍ତ୍ରଣପାଇଁପ୍ରଥମରୁରାସାୟନିକକୀଟନାଶକବ୍ୟବହାରନକରିଜୈବକୀଟନାଶକତଥାନିମ୍ବଔଷଧବ୍ୟବହାରକରିବାଉଚିତ।

**ଉପକାରୀ କୀଟ ଗୁଡିକର ସଂରକ୍ଷଣ:**

ଉପକାରୀକୀଟଗୁଡିକରସଂରକ୍ଷଣକରିବାଦ୍ୱାରାଅପକାରୀକୀଟମାନଙ୍କୁନିୟନ୍ତ୍ରଣକରାଯାଇପାରିବ, ସେଥିପାଇଁପ୍ରଥମରୁକୌଣଶୀରାସାୟନିକକୀଟନାଶକବ୍ୟବହାରକରିବାଅନୁଚିତ।

**ରାସାୟନିକ କୀଟନାଶକର କମବ୍ୟବହାର:**

ପୋକର ପ୍ରକାର ଭେଦ ଓ ଆର୍ଥିକ ଦହେଳି ସୀମା ଅନୁସାରେ ଅନୁମୋଦିତ ରାସାୟନିକ କୀଟନାଶକ ବ୍ୟବହାର କରାଯିବ ଉଚିତ।

**ସ୍ଥାନୀୟ ପରାମର୍ଶ:**

ଓଡିଶାରେ କପା ଫସଲ ୨୯ ରୁ ୩୩ ଦିନ ଅବସ୍ଥାରେ ଅଛି। କୋଡା ଖୋସା କରି ଘାସ ବାଛି ଦିଅନ୍ତୁ। ଦ୍ୱିତୀୟ ଦଫା ସାର ହିସାବରେ ୫୦% ଯାବକ୍ଷାରଜନ ଓ ୫୦% ପୋଟାସ ସାର ପ୍ରୟୋଗ କରନ୍ତୁ। ଜମିରୁ ଅଧିକ ବର୍ଷା ପାଣି ନିଷ୍କାସନ ପାଇଁ ନାଳୀର ବ୍ୟବସ୍ଥା କରନ୍ତୁ। ଜମିର ପାଗ ଓଦା ଥିଲେ ଓ କୋଡା ଖୋସା କରି ଘାସ ବାଛି ନ ପାରିଲେ ୨୫ ରୁ ୩୦ ଦିନ ବେଳକୁ ୧ ଲିଟର ପାଣିରେ ୨ ମିଲି କ୍ୱିଜାଲ୍ଫୋପ ଇଥାଇଲ ୫% ଇସି ( ସରୁ ପତ୍ର ଘାସ ପାଇଁ) ସହିତ ୧.୫ ମିଲି ପାଇରିଥାଅବକ ସୋଡିୟମ ୧୦% ଇସି (ବଡ ପତ୍ର ଘାସ ପାଇଁ) ଘାସମରା ଔଷଧ ସିଂଚନ କରନ୍ତୁ। ରୋଗ ଓ ପୋକ ଆକ୍ରମଣର ଅବସ୍ଥା ଜାଣିବା ପାଇଁ ନିୟମିତ ଭାବରେ ଫସଲ ସର୍ବେକ୍ଷଣ କରନ୍ତୁ। ସୋଶୋକ ପୋକ ଯଥା ଜଉ ପୋକ ନ ଲାଗିବା ପାଇଁ ୧୦ ଲିଟର ପାଣିରେ ୩୦ ମିଲି ନିମ୍ବ ଔଷଧ(୧୫୦୦ PPM) ସିଂଚନ କରନ୍ତୁ। ଲେଡ଼ା ପୋକର ଆକ୍ରମଣ ବିଷୟରେ ଜାଣିବା ପାଇଁ ହେକ୍ଟର ପିଛା 5 ଟି ସାଙ୍ଗ ଆକର୍ଷକ ଜନତା ବସାନ୍ତୁ ।ଝଉଂଲା ରୋଗର ନିୟନ୍ତ୍ରଣ ପାଇଁ ଲିଟର ପିଛା 10 ମି ଗ୍ରା ହିସାବରେ କୋବଲ୍ଟ କ୍ଲୋରାଇଡ ଅଉଷସଧ ସିଂଚନ କରନ୍ତୁ।

କଢ ଓ ଫୁଲ ଝଡିବା କମ କରିବା ପାଇଁ କପ ଲଗାଇବାର ୪୫ ଦିନ ପରେ ୧୫ ଲିଟର ପାଣିରେ ୩.୫ ମିଳି ହିସାବରେ ଆଲଫା ନପ୍ଥାଳିକ ଏସିଟିକ ଏସିଡ (ପ୍ଲାନୋଫିକ୍ସ) ସିଂଚନ କରନ୍ତୁ।

**ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ,ସାରପ୍ରୟୋଗ,ବୁଣିବା ପଦ୍ଧତି,ଜଳସେଚନ ଓ ଘାସ ପରିଚାଳନା,ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର କଟନଆପ(CICR Cotton App ଯାହାକି ଆଇସିଏଆର-ସିଆଇସିଆର, ନାଗପୁର ଦ୍ୱାରା ପ୍ରସ୍ତୁତ କରାଯାଇଛି ସେଥିରୁ ମିଳିପାରିବ।ଗୁଗଲ ପ୍ଲେଷ୍ଟୋରରୁ ଏହି ଆପକୁ ମାଗଣାରେ ଡାଉନଲୋଡ କରାଯାଇପାରିବ।ଏହାଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆ ରୱେବ୍‌ସାଇଟ**

(https://cicr.org.in/resource-weekly-advisory) **ରେ ଅପଲୋଡ କରାଯାଉଛି,ଯାହା ସବୁଚାଷୀମାନଙ୍କ ଉପକାର ପାଇଁ ମଧ୍ୟ ମିଳିପାରିବ।**